# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ଖୋଲିବ ୯ ନୂଆ ପାଠ୍ୟକ୍ରମ

## ଓପନ୍ ୟୁନିଭର୍ସିଟି ସମ୍ବଲପୁର ସହ ଏମ୍ଓୟୁ

ଗୋପାଳପୁର, ୧୩।୮(ଆପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖୋଲିବ ୯ଟି ନୂଆ ପାଠ୍ୟକ୍ରମ। ସେସବୁ ହେଲା ସଫ୍ଟ ସ୍କିଲ୍, ଆଇଟି ସ୍କିଲ୍, କମ୍ୟୁନିକେସନ୍ସ୍ ସ୍କିଲ୍ସ, ଲିଡରସିପ୍ ଆଣ୍ଡ ପର୍ସନାଲ୍ ଡେଭଲପମେଣ୍ଟ, ଏଣ୍ଟ୍ରିପ୍ରିନରସିପ୍ ଡେଭଲପମେଣ୍ଟ, ସାଇବର୍ ସିକ୍ୟୁରିଟି, ମିଡିଆ ମ୍ୟାନେଜମେଣ୍ଟ, ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ଓ ଲିଗାଲ୍ ଆୱାରନେସ୍। ଏଥିସକାଶେ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ହଲ୍‌ରେ ଓପନ୍ ୟୁନିଭର୍ସିଟି (ସମ୍ବଲପୁର) ସହ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି।



ଏହି ପାଠ୍ୟକ୍ରମ ଗୁଡ଼ିକର ଅବଧି ରହିଛି ୩ ମାସ ବା ୯୦ ଦିନ। ତେବେ ଏହି ପାଠ୍ୟକ୍ରମଗୁଡ଼ିକ ସକାଳେ ନିୟମିତ ଶିକ୍ଷାଦାନ ହେବନି। ବରଂ ରବିବାର, ଛୁଟି ଦିନ ମାନଙ୍କରେ କ୍ଲାସ୍ ହେବ। ଏପରିକି ବିଶ୍ୱବିଦ୍ୟାଳୟର ନିୟମିତ ଶ୍ରେଣୀ ଶିକ୍ଷା ପରେ ଏହି ପାଠ୍ୟକ୍ରମ ପାଇଁ ଅତିରିକ୍ତ ସମୟରେ ପଢ଼ାଯିବ। କିନ୍ତୁ ସର୍ବାଧିକ ଦୁଇ ବର୍ଷ ମଧ୍ୟରେ ପାଠ୍ୟକ୍ରମ ସରିବ। ଜଣେ ଛାତ୍ରଛାତ୍ରୀ ଉପରୋକ୍ତ ୯ଟି ବିଷୟ ମଧ୍ୟରୁ ଯେକୌଣସି ଗୋଟିଏ କିମ୍ବା ଏକାଧିକ ବିଷୟରେ ନାମ ପଞ୍ଜିକରଣ କରିପାରିବେ। ତେବେ ଜଣେ ବିଦ୍ୟାର୍ଥୀଙ୍କୁ ସର୍ବାଧିକ ୪ଟି ପାଠ୍ୟକ୍ରମ ସକାଶେ ପଞ୍ଜୀକରଣର ଅନୁମତି ହିଁ ମିଳିବ। ପ୍ରତିଟି କୋର୍ସ ପାଇଁ ୫୦୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି। ଛାତ୍ରଛାତ୍ରୀମାନେ ଏଥିସକାଶେ ୪ଟି ସେମିଷ୍ଟର୍ ପରୀକ୍ଷା ଦେବେ। ପରୀକ୍ଷାର୍ଥୀ ପାଇବେ ଡିଜିଟାଲ୍ ସର୍ଟିଫିକେଟ୍। ଛାତ୍ରଛାତ୍ରୀଙ୍କ ସମେତ ଚାକିରି କରୁଥିବା ଲୋକ, ଅଣଛାତ୍ରଛାତ୍ରୀ, ପେଶାଦାରମାନେ ମଧ୍ୟ ଏଥିସକାଶେ ପଞ୍ଜିକରଣ କରିପାରିବେ। ଉପରୋକ୍ତ ପାଠ୍ୟକ୍ରମର ସାର୍ଟିଫିକେଟ୍ ସେମାନଙ୍କ ନିଯୁକ୍ତି କ୍ଷେତ୍ର ପ୍ରତି ଅଧିକ ସହାୟକ ହେବ ବୋଲି ବୁଝାଯାଉଛି। ପ୍ରତ୍ୟେକ ବିଷୟରେ ୨୫ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିପାରିବେ। ଇ-ଏଜୁକେସନ୍, ସଫ୍ଟ କପି, ହାର୍ଡ କପି ବ୍ୟବସ୍ଥା ଯୋଗାଇ ଦିଆଯିବ।

ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯାଇ ଶୀଘ୍ର ଏହି ପାଠ୍ୟକ୍ରମ ସବୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖୋଲିବ ବୋଲି କହିଛନ୍ତି କୁଳପତି ପ୍ରଫେସର୍ ରାଜେନ୍ଦ୍ର ପ୍ରସାଦ ଦାସ। କେବଳ ଛାତ୍ରଛାତ୍ରୀ ନୁହଁନ୍ତି, ବରଂ କର୍ମଚାରୀମାନେ ମଧ୍ୟ ଏହି ପାଠ୍ୟକ୍ରମରେ ରେଜିଷ୍ଟ୍ରେସନ୍ କରି ବହୁତ କିଛି ଜ୍ଞାନ ଆହରଣ କରିପାରିବେ ବୋଲି ସେ କହିଛନ୍ତି। ଏମ୍ଓୟୁ ସ୍ୱାକ୍ଷର ବେଳେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ପିଜି କାଉନ୍ସିଲ୍ ଅଧ୍ୟକ୍ଷ ପ୍ରଫେସର୍ ଦେବୀପ୍ରସନ୍ନ ପଟ୍ଟନାୟକ, ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର୍ ପ୍ରତାପ ମହାନ୍ତି, ସିଡିସି ନିର୍ଦ୍ଦେଶିକା ପ୍ରଫେସର୍ ଅନୁରାଧା ରଥ, ଆଇନ (ପିଜି) ବିଭାଗ ମୁଖ୍ୟ ପ୍ରଫେସର୍ ଭାଗିରଥୀ ପାଣିଗ୍ରାହୀ, ଉପକୁଳସଚିବ ଡ. ବାବୁଲା ସାମଲ, ଅର୍ଥ ନିୟନ୍ତ୍ରକ ପ୍ରଫେସର୍ ବିଭୂତିଭୂଷଣ ମହାପାତ୍ର, ଡ. ହରପ୍ରିୟା ସାମନ୍ତରାୟ, ଡ. ମୃତ୍ୟୁଞ୍ଜୟ ଜେନା ଉପସ୍ଥିତ ଥିଲେ। ସେହିପରି ଓପନ୍ ୟୁନିଭର୍ସିଟି ତରଫରୁ ପ୍ରତିନିଧିତ୍ୱ କରିଥିଲେ କୁଳପତି ପ୍ରଫେସର୍ ଶ୍ରୀକାନ୍ତ ମହାପାତ୍ର, କୁଳସଚିବ କେ.କେ.ଶର୍ମା, ଜ୍ୟୋତିପ୍ରକାଶ ମହାପାତ୍ର, ଅଭିମାନ ଜେନା, ଶୀତଲ ପୂର୍ଣ୍ଣିମା, ରଜତକାନ୍ତ ଦଳନାୟକ ପ୍ରମୁଖ। ଦୁଇ ବିଶ୍ୱବିଦ୍ୟାଳୟ ତରଫରୁ ଉଭୟ କୁଳସଚିବ ଏମ୍ଓୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

ସମ୍ବଲର ପ୍ଲସ୍

# ଭଞ୍ଜବିହାର - ମୁକ୍ତ ବିଶ୍ୱବିଦ୍ୟାଳୟ ଏମ୍‌ଓୟୁ



ଗୋପାଳପୁର, ୧୩।୮ (ନି.ପ୍ର): ସମ୍ବଲପୁର ମୁକ୍ତ ବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ୯ଟି ସମର କୋର୍ସ ପ୍ରଦାନ ନିମନ୍ତେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏନେଇ ନୂଆ ସିଣ୍ଡିକେଟ ହଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ଓ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଶ୍ରୀକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଏମ.ଓ.ୟୁ ବ୍ରହ୍ମପୁର କୁଳସଚିବ ରଞ୍ଜନ କୁମାର ସ୍ୱାଇଁ ଏବଂ ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ଜେ.କେ.ଶର୍ମାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୁଝାମଣାପତ୍ର ପ୍ରକାରେ ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୯ଟି ପାଠ୍ୟକ୍ରମ ସଫ୍ଟ ସ୍କିଲ, ଆଇ.ଟି ସ୍କିଲ, କମ୍ୟୁନିକେସନ (ଇଂରାଜୀ), ଲିଡ଼ରସିପ ଏଣ୍ଡ ପରସନାଲିଟି ଡେ଼ଭଲପମେଣ୍ଟ, ଡ଼ିଜାଷ୍ଟର ମ୍ୟାନେଜମେଣ୍ଟ, ଲିଗାଲ ଆଡ଼ଭାନସରେ ପାଠପଢ଼ା ପ୍ରଦାନ କରାଯିବ। ଜଣେ ଛାତ୍ର ୫୦୦ ଟଙ୍କା ଫି’ ପ୍ରଦାନ କରି ଏକାଥରକେ ୪ଟି ବିଷୟରେ ନାମ ଲେଖାଇ ପାରିବେ। ଏଥି ନିମନ୍ତେ ଶ୍ରେଣୀ ସମାପ୍ତ ପରେ ଶିକ୍ଷାଦାନ କରାଯିବ। ଛାତ୍ରଛାତ୍ରୀ ୨ବର୍ଷରେ ୪ଟି ସେମିଷ୍ଟାର ପରୀକ୍ଷା ଦେବା ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀମାନଙ୍କୁ ଡ଼ିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯିବ। ଏହା ସେମାନଙ୍କର ଶିକ୍ଷା ଓ ଚାକିରି କ୍ଷେତ୍ରରେ କାମରେ ଲାଗିପାରିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପି.ଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ଆଇ.ବି.ୟୁ.ଏ.ସି.ର ନିର୍ଦ୍ଦେଶକ ପ୍ରଫେସର ପ୍ରତାପ ମହାନ୍ତି, ସି.ଡ଼ି.ସି ନିର୍ଦ୍ଦେଶିକା ପ୍ରଫେସର ଅରୁନ୍ଧତୀ ରଥ, ପ୍ରଫେସର ଭାଗିରଥି ପାଣିଗ୍ରାହୀ, ଭଗବାନ ଶଙ୍କର, ଡ଼ା. ବାପୁଜୀ ସାମଲଙ୍କ ସମେତ ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟ ଜ୍ୟୋତି ପ୍ରକାଶ ମହାପାତ୍ର, ଅଂଶୁମାନ ଜେନା, ଶିତଲ ପୂର୍ଣ୍ଣିମା, ଜଗତଜିତ ଜଗନ୍ନାଥ ପ୍ରମୁଖ ଉପସ୍ଥିତ ଥିଲେ।